## (୮) ଅନ୍ତଚାଷ :



ବିରି ଗଛ ଗୁଡ଼ିକ ୨୦ ରୁ ୨୧ ଦିନ ହୋଇଗଲେ କୋଡ଼ାଖୋସା କରି ଘାସ ବଛା କାମ ସାରି ଦେବା ବିଧେୟ । ଆବଶ୍ୟକ ସ୍ଥଳେ ଗଛ ୩୦-୩୫ ଦିନର ହୋଇଗଲେ ଦ୍ୱିତୀୟ ଥର ଘାସବାଛି ଦେବା ଉଚିତ୍ । ଠିକ୍ ସମୟରେ ଘାସ ନ ବାଛିଲେ ଶତକଡ଼ା ୪୦ ଭାଗ ଅମଳ କମିଥାଏ । ଘାସବଛା ପାଇଁ ଅଧିକ ମଜୁରୀ ଲାଗୁଥିଲେ ଘାସମରା ଔଷଧ ବ୍ୟବହାର କରାଯାଇପାରିବ । ହେକ୍ଟର ପ୍ରତି ପେଣ୍ଡିମେଥାଲିନ୍ ବା ଷ୍ଟମ୍ପ ୨.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବା ପରେ କିମ୍ୱା ଗଜା ହେବା ପୂର୍ବରୁ ମାଟି ବତର ଥିବା ଅବସ୍ଥାରେ ସିଞ୍ଚନ କଲେ ଘାସ ବହୁତ କମ୍ ଉଠିଥାଏ । ଗଛ ୧୮-୨୦ ଦିନ ହୋଇଗଲେ ହେକ୍ଟର ପ୍ରତି ୧ ଲିଟର କୁଇଜାଲଫଫ୍ଇଥାଇଲ୍ ୫୦୦ ଲିଟର ପାଣିରେ ମିଶାଇ ଜମିରେ ସିଞ୍ଚନ କରନ୍ତୁ ।

## (୯) ଜଳସେଚନ :

**ବର୍ଷାଋତୁ :** ସାଧାରଣତଃ ବର୍ଷାଋତୁରେ ଚାଷ କରାଯାଉଥିବା ବିରି ଫସଲ ଜଳସେଚନ ଆବଶ୍ୟକ କରିନଥାଏ । ବର୍ଷା ଦିନେ ବିରି କିଆରିରୁ ଜଳ ନିଷ୍କାସନ କରିବାକୁ ହୁଏ ।

**ରବି ଋତୁ :** ମାଟିରେ ଆବଶ୍ୟକ ପରିମାଣରେ ବତର ଥାଇ ବିହନ ବୁଣିଲେ ଭଲ ଗଜା ହୋଇଥାଏ । ପରବର୍ତ୍ତୀକାଳରେ ବତର କମିଗଲେ ଫୁଲ ଫଳ ଭଲ ହୁଏ ନାହିଁ । ତେବେ ମାଟିରେ ଯଥେଷ୍ଟ ବତର ଥିବା ବେଳେ ଜଳସେଚନ କଲେ ଅମଳ କମି ଥାଏ । ଏଣୁ ଡ଼ାଲି ଫସଲ ପାଇଁ ଆବଶ୍ୟକ ସ୍ଥଳେ ହାଲୁକା ଜଳସେଚନ ଦେବାକୁ ପଡ଼ିଥାଏ । କେବଳ ଫୁଲ ଓ ଛୁଇଁ ସମୟରେ ଦୁଇଥର ଜଳସେଚନ କଲେ ଶତକଡ଼ା ୨୦-୪୦ ଭାଗ ଅମଳ ବୃଦ୍ଧି ପାଏ । ମାଟିରେ ଯଥେଷ୍ଟ ବତର ଥାଇ ବା ଜଳସେଚନ ପରେ ବତର ଆଣି ବିହନ ବୁଣାଯାଏ । ଏହାପରେ ଫୁଲ ବା ଛୁଇଁ ଆସିବା ସମୟରେ ଦୁଇଟି ହାଲୁକା ଜଳସେଚନ (୫ ସେ.ମି.) ପ୍ରୟୋଗ କଲେ ଡ଼ାଲି ଫସଲର ଅମଳ ଯଥେଷ୍ଟ ବୃଦ୍ଧିପାଏ ।

**ଗ୍ରୀଷ୍ମଋତୁ :** ସାଧାରଣତଃ ଖରାଦିନେ ବିରି ଚାଷ କଲେ ଜଳସେଚନର ଆବଶ୍ୟକତା ପଡ଼ିଥାଏ । ବିରି ଫସଲ ପାଇଁ ଅତି କମ୍‌ରେ ୪ଟି ହାଲୁକା ଜଳସେଚନ ଦରକାର । ପ୍ରତିଥର ୫ ସେ.ମି. ପାଣି ମଡ଼ାଯାଏ ।

**ପ୍ରଥମ ଜଳସେଚନ :** ବିହନ ବୁଣିବା ପରେ ପାଣି ସିଞ୍ଚନ କିମ୍ୱା ବିହନ ବୁଣିବା ପୂର୍ବରୁ ଜମିକୁ ବତର ଆଣିବା ପାଇଁ ।

**ଦ୍ୱିତୀୟ :** ଗଛଗୁଡ଼ିକୁ ୩ ସପ୍ତାହ ହୋଇଗଲେ କୋଡ଼ାକୋସା ସାରି ଦେଇ ହୁଡ଼ା ଟେକି ପାଣି ମଡ଼ାଇବେ ।

**ତୃତୀୟ :** ଫୁଲ ଧରିବା ବେଳେ ।

**ଚତୁର୍ଥ :** ଫଳ ଧରିବା ବା ଛୁଇଁ ବଢ଼ିବା ବେଳକୁ ଶେଷ ଥର ପାଣି ଦିଆଯାଏ ।

## (୧୦) ଅମଳ :

ବିରିଛୁଇଁ ଅଧିକ ଶୁଖିଗଲେ ଗଛରେ ଫାଟିଯାଏ । ଛୁଇଁ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ଜମିରେ ଛିଟିକି ପଡ଼େ । ଏଣୁ ଛୁଇଁ ୭୫-୮୦ ପ୍ରତିଶତ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ । ପାକଳ ଛୁଇଁ ତୋଳି ନେଇ ଗଛକୁ ମାଟିରେ ଚାଷ କରି ମିଶାଇ ଦେଲେ ଜମିର ଉର୍ବରତା ଶକ୍ତି ବଢ଼ିଥାଏ କିମ୍ୱା ଗଛକୁ ମୂଳରୁ କାଟିଆଣି ଚେର ମାଟିରେ ଛାଡ଼ିଦେଲେ ମଧ୍ୟ ଜମିର ଉର୍ବରତା ବଢ଼ିଥାଏ । ଏହିସବୁ ଉନ୍ନତ ପ୍ରଣାଳୀରେ ବିରି ଚାଷ କଲେ ହେକ୍ଟର ପିଛା ଆଦାୟ ୮-୧୦ କ୍ୱିଣ୍ଟାଲ ହୋଇଥାଏ ।

## (୧୧) ସାଇତା ପ୍ରଣାଳୀ :

ଅମଳ ପରେ ବିହନକୁ ଭଲଭାବେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ବିହନରେ ଶତକଡ଼ା ୧୦ ଭାଗରୁ କମ୍ ଜଳୀୟ ଅଂଶ ରହିବା ଉଚିତ୍ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ ଗ୍ରାମ୍ ହିସାବରେ ସୋରିଷ ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ । ଏହାଛଡ଼ା କ୍ୱିଣ୍ଟାଲ ପିଛା ୫ ମି.ଲି. ଇ.ଡ଼ି.ବି.ଆମ୍ପୁଲ (ଇଥିଲିନ୍ ଡାଇବ୍ରୋମାଇଡ଼୍) ଡ୍ରମ୍ ଭିତରେ ଭାଙ୍ଗି ରଖିଲେ ସାଇତା ପୋକ ଦାଉରୁ ରକ୍ଷା ମିଳେ ।



## (୧୨) ନେଟ୍ ଆୟ :

ବିରି କ୍ୱିଣ୍ଟାଲ ଟ ୫,୪୦୦ଙ୍କା ଦରରେ ବିକିଲେ ଏକ ହେକ୍ଟର (୧୦ କ୍ୱିଣ୍ଟାଲ ହିସାବରେ) ରୁ ଟ ୫୪,୦୦୦ଙ୍କା ମିଳିବ ଚାଷବାଷ ସମସ୍ତ ଖର୍ଚ୍ଚ ପ୍ରାୟ ଟ ୩୫,୦୦୦ଙ୍କା ଯାଇ ହେକ୍ଟର ପ୍ରତି ୭୦-୭୫ ଦିନରେ ଟ ୧୯,୦୦୦ଙ୍କା ଲାଭ ମିଳିପାରିବ ।

### ଆବଶ୍ୟକ ସୂଚନା :

୧. ଉନ୍ନତ, ଅଧିକ ଅମଳକ୍ଷମ, ଋତୁ, ନିର୍ଦ୍ଦିଷ୍ଟ, ନିରୋଳା, ରୋଗ ଓ ପୋକ ସହଣୀ ବିହନର ବ୍ୟବହାର ।
୨. ବିହନ ବିଶୋଧନ ଓ ଉପଚାର
୩. ଧାଡ଼ିବୁଣା ଓ ୨-୩ ସପ୍ତାହ ମଧ୍ୟରେ ଘାସ ବଛା ।
୪. ଅମ୍ଳ ମାଟିରେ ଚୂନ ବ୍ୟବହାର ।
୫. ଅନୁମୋଦିତ ଫସ୍‌ଫେଟ୍ ସାର ବ୍ୟବହାର ।
୬. ଫୁଲ ଧରିବା ସମୟରେ ଏବଂ ଏହାର ୧୫ ଦିନ ପରେ ଶତକଡ଼ା ୨ ଭାଗ ଡ଼ି.ଏ.ପି. ସାର ସିଞ୍ଚନ ।
୭. ଠିକ୍ ସମୟରେ ପୋକ ରୋଗ ଦମନ ।

# ବୈଜ୍ଞାନିକ ପଦ୍ଧତିରେ ବିରି ଚାଷ

Science for Better Livelihoods in Dry Areas








ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା,
ଏବଂ
ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ, ନୂଆଦିଲ୍ଲୀ

International Center for Agricultural Research in the Dry Areas (ICARDA)
South Asia & China Regional Program (SACRP)
NASC Complex, Pusa Campus, DPS Marg, New Delhi-110012
Phone : +91(11)25847505; Fax : +91(11)25847503

# ବିରି

**ଉପକ୍ରମ :**

ଓଡ଼ିଶାରେ ଡ଼ାଲି ଜାତୀୟ ଫସଲ ଶସ୍ୟ ଜାତୀୟ ଫସଲ ପରେ ଦ୍ୱିତୀୟ ମୁଖ୍ୟ ଫସଲ ଭାବେ ଚାଷ କରାଯାଏ । ଦେଶର ହେକ୍ଟର ପିଛା ହାରାହାରି ଉତ୍ପାଦନ ୭୪୪ କି.ଗ୍ରା. ଥିବା ବେଳେ ଓଡ଼ିଶାର ହେକ୍ଟର ପିଛା ହାରାହାରି ଉତ୍ପାଦନ ୫୦୮ କି.ଗ୍ରା. ଅଟେ । ଆମ ରାଜ୍ୟରେ ଡ଼ାଲି ଶସ୍ୟ ହେଉଥିବା ୨୦.୮୧ ଲକ୍ଷ ହେକ୍ଟର ଜମିରୁ ୫.୬୮ ଲକ୍ଷ ହେକ୍ଟର ଜମିରେ ବିରି ଚାଷ କରାଯାଇ ବାର୍ଷିକ ୨.୬ ଲକ୍ଷ ଟନ୍ ବିରି ଉତ୍ପାଦନ ହୋଇଥାଏ । ତେଣୁ ରାଜ୍ୟରେ ଉତ୍ପାଦନ ହାର ବଢ଼ାଇବା ପାଇଁ ନିମ୍ନଲିଖିତ ବୈଜ୍ଞାନିକ ପଦ୍ଧତି ପ୍ରତି ଧ୍ୟାନ ଦେବା ଉଚିତ୍ ।

## (୧) ମୃତ୍ତିକା ଓ ଜଳବାୟୁ :

ନିଗିଡ଼ା, ପଟୁ, ଦୋରସା ଓ ମଟାଳ ମାଟିରେ ବିରି ଚାଷ ଭଲ ହୁଏ । ମାଟିର ଅମ୍ଳତା ୫.୬ ରୁ ୭.୫ ପର୍ଯ୍ୟନ୍ତ ଥିବା ଆବଶ୍ୟକ । କିନ୍ତୁ ଲୁଣି ଅଥବା କ୍ଷାରୀ ମାଟିରେ ଏହା ଭଲ ଅମଳ ଦିଏ ନାହିଁ ।



ସମୁଦ୍ର ପତ୍ତନଠାରୁ ୧୮୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଏହା ଚାଷ କରାଯାଇ ପାରିବ । ବିରି ଗଛ ବଢ଼ିବା ପାଇଁ ଉଷ୍ମ ଆଦ୍ର ଜଳବାୟୁ ଭଲ । ଅଧିକ ଶୀତ ପଡୁଥିବା ସ୍ଥାନରେ ଏହା ଚାଷ କରାଯାଇପାରିବ ନାହିଁ ।

## (୨) ଜମି ପ୍ରସ୍ତୁତି :

ଜମିକୁ ଭଲ ଭାବରେ ୨/୩ ଓଡ଼ ଚାଷ କରି ମାଟିକୁ ଗୁଣ୍ଡ କରିବା ଦରକାର । ହେକ୍ଟର ପିଛା ୧୨ ଶଗଡ଼ କମ୍ପୋଷ୍ଟ ଖତ ବା ଗୋବର ଖତ ଏବଂ ଅନୁମୋଦିତ ସାର ଶେଷ ଓଡ଼ ଚାଷ ସମୟରେ ପ୍ରୟୋଗ କରି ମାଟିକୁ  ମିଶାଇ ଦେବା ଦରକାର । ଧାନ ପରେ ବିରି ଚାଷ କରୁଥିଲେ ଧାନ ମୂଳି ୧୦-୧୨ ସେ.ମି ମଧ୍ୟରେ ରଖି ଧାନ କାଟନ୍ତୁ ଓ ଧାନ ମୂଳିକୁ ମାଟିରେ ଚାଷ କରି ମିଶାଇ ଦିଅନ୍ତୁ ।

## (୩) ବିହନ ପରିମାଣ :

ବର୍ଷା ଋତୁରେ ହେକ୍ଟର ପ୍ରତି ୨୦ କି.ଗ୍ରା ଓ ଅନ୍ୟ ଋତୁରେ ୨୫-୩୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ଧାନ କାଟିବା ପୂର୍ବରୁ ଅମୁହାଁ ଫସଲ ରୂପେ ବିରି ବୁଣୁଥିଲେ ହେକ୍ଟର ପତି ୩୭ ରୁ ୪୦ କି.ଗ୍ରା. ବିହନ ବ୍ୟବହାର କରିବା ଉଚିତ୍ ।

## (୪) ବୁଣିବା ସମୟ :

**ବର୍ଷା ଋତୁ ପାଇଁ :-** ଜୁଲାଇ ମାସ ୧୫-୨୫ ତାରିଖ ମଧ୍ୟରେ ବୁଣିଲେ ଅଧିକ ଅମଳ ମିଳିଥାଏ । ଏହା ପୂର୍ବରୁ ବୁଣିଲେ ଛୁଇଁ ପାକଳ ହେବା ବେଳକୁ ବର୍ଷା ଖାଇ ନଷ୍ଟ ହୁଏ ଏବଂ ପରେ ବୁଣିଲେ ବର୍ଷା ପାଣିଖାଇ ଗଛ ବୃଦ୍ଧିରେ ବାଧା ସୃଷ୍ଟି କରେ ଏବଂ ବିଭିନ୍ନ ପୋକରୋଗ ଗଛକୁ ଆକ୍ରମଣ କରିଥାଏ ।

**ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା ଅନ୍ତର୍ଭୂକ୍ତ ପରୀକ୍ଷାମୂଳକ ଉନ୍ନତ ବିରି କିସମ**

| କିସମ | ଅବଧି(ଦିନ) | ଉଦ୍‌ଭବ ରାଜ୍ୟ | ଅମଳ(କୁଇଣ୍ଟାଲ) | ବିଶେଷ ଗୁଣାବଳୀ |
|---|---|---|---|---|
| ଶେଖର-୨ | ୭୦-୭୫ | ଉତ୍ତରପ୍ରଦେଶ | ୧୧-୧୨ | ସାହେବୀ ରୋଗ ନିରୋଧକ । ବସନ୍ତ ଋତୁ ପାଇଁ ଉଦ୍ଦିଷ୍ଟ । |
| ପି.ୟୁ-୩୧ | ୭୦-୮୦ | ଉତ୍ତରାଖଣ୍ଡ | ୮-୧୦ | ସାହେବୀ ରୋଗ ଓ ପତ୍ରଦାଗ ରୋଗ ସହଣୀ । ଗ୍ରୀଷ୍ମ ପାଇଁ ଉଦ୍ଦିଷ୍ଟ । |
| ପି.ୟୁ-୩୫ | ୭୫-୮୦ | ଉତ୍ତରାଖଣ୍ଡ | ୧୦ | ସାହେବୀ ଓ ପତ୍ରଚିତା ରୋଗ ସହଣୀ । |
| ସାରଦା | ୮୫ | ପଶ୍ଚିମବଙ୍ଗ | ୯-୧୦ | ସାହେବୀ ରୋଗ ସହନଶୀଳ । |
| ନିଆଳି ବିରି | ୮୦ | ଓଡ଼ିଶା | ୯ | ସ୍ଥାନୀୟ କିସମ । |

**ପ୍ରାକ୍ ରବି :-** ସେପ୍ଟେମ୍ବର (୧ ତାରିଖ ଠାରୁ ୧୫ ତାରିଖ ମଧ୍ୟରେ) ମାସରେ ବୁଣିଲେ ଭଲ ଅମଳ ମିଳିଥାଏ ।

**ରବି :-** ଅକ୍ଟୋବର ପ୍ରଥମାର୍ଦ୍ଧ ଠାରୁ ନଭେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ । ଉପକୂଳବର୍ତ୍ତୀ ଜିଲ୍ଲାରେ ଡ଼ିସେମ୍ବର ପ୍ରଥମାର୍ଦ୍ଧ ମଧ୍ୟରେ ବୁଣାଯାଇପାରିବ ।

**ଗ୍ରୀଷ୍ମ :-** ଫେବୃୟାରୀ ୨୦ ତାରିଖ ଠାରୁ ମାର୍ଚ୍ଚ ମାସ ମଧ୍ୟ ଭାଗ ସୁଦ୍ଧା ବିରି ବୁଣିବାର ଉପଯୁକ୍ତ ସମୟ । ଡ଼େରି କଲେ ରୋଗ ପୋକ ଅଧିକ ପରିମାଣରେ ଲାଗି ଅମଳ ବହୁତ  କମିଯାଏ ।

## (୫) ବିହନ ବିଶୋଧନ ଓ ବୀଜାଣୁ କଲ୍‌ଚର୍‌ର ପ୍ରୟୋଗ :

ଏକ କିଲୋଗ୍ରାମ୍ ବିହନ ସହିତ ୩ ଗ୍ରାମ୍ ଥିରାମ କିମ୍ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିହନକୁ ବିଶୋଧନ କରିବା ଉଚିତ । ବିହନକୁ ବିଶୋଧନ କରି ବୁଣିଲେ ବିହନ ଜନିତ ରୋଗର ପ୍ରାଦୁର୍ଭାବ କମିଥାଏ । ବିହନ ବିଶୋଧନର ୭ ଦିନ ପରେ ବୀଜାଣୁ କଲ୍‌ଚରର ପ୍ରୟୋଗ କରିବା ବିଧେୟ । ବିହନକୁ ବୀଜାଣୁ କଲ୍‌ଚରରେ ଗୋଳାଇ ବୁଣିଲେ ଚେରରେ ଭାତୁଡ଼ି ସଂଖ୍ୟା ବଢ଼ିଥାଏ ଓ ମଂଜିରୁ ଭଲ ଗଜା ବାହାରେ ଏବଂ ଅମଳ ଶତକଡ଼ା ୧୫ ରୁ ୨୦ ଭାଗ ଅଧିକ ହୋଇଥାଏ । ଏଥିପାଇଁ ହେକ୍ଟର ପ୍ରତି ଲାଗୁଥିବା ୨୫-୩୦ କିଗ୍ରା ବିହନ ପାଇଁ ୬୨୫-୭୫୦ ଗ୍ରାମ୍ ବୀଜାଣୁ କଲ୍‌ଚର ଆବଶ୍ୟକ । ପ୍ରଥମେ ୬୨୫-୭୫୦ ଗ୍ରାମ୍ କଲ୍‌ଚରକୁ ସମ ପରିମାଣର ପି.ଏସ୍.ବି, ୧୨୫ ଗ୍ରାମ୍ ଗୁଡ଼, ୧୦ ଗ୍ରାମ୍ ସୋଡ଼ିୟମ ମଲିବିଡେଟ୍ ଓ ୮୦୦ ମି.ଲି.  ପାଣି ସହିତ ଭଲ ଭାବରେ ମିଶାଇ ମଣ୍ଡ କରନ୍ତୁ । ସେହି ମଣ୍ଡରେ ୨୫-୩୦ କି.ଗ୍ରା. ବିହନକୁ ଭଲ ଭାବରେ ଗୋଳାଇ ଦିଅନ୍ତୁ ଯେପରି କଲ୍‌ଚର୍  ମଣ୍ଡ ପ୍ରତ୍ୟେକ ବିହନ ଉପରେ ଲାଗିବ । ଏହି ବିହନକୁ ପରିଷ୍କାର ସିମେଣ୍ଟ ଚଟାଣ କିମ୍ବା ପଲିଥିନ ଉପରେ ଛାଇରେ ଶୁଖିବାକୁ ଦିଅନ୍ତୁ ଓ ଉପରବେଳା ବିହନ ବୁଣନ୍ତୁ ।

## (୬) ବିହନ ବୁଣା :

ଜମିକୁ ଭଲ ଭାବରେ ସମତୁଲ କରି ବିହନକୁ ଧାଡ଼ିରେ ବୁଣିବା ଉଚିତ  । ଧାଡ଼ିରେ ବୁଣିଲେ ଅନାବନା ଘାସ ନିୟନ୍ତ୍ରଣ ଓ କୋଡ଼ାଖୋସା କରିବାରେ ସୁବିଧା ହୋଇଥାଏ ଏବଂ ଶତକଡ଼ା ୧୫ ଭାଗ ଅଧିକ ଅମଳ ମିଳିଥାଏ । ତା'ଛଡ଼ା ଧାଡ଼ିରେ ବୁଣିଲେ ଗଛ ସଂଖ୍ୟା ଠିକ୍ ରହେ । ପ୍ରତି ତିନି ବର୍ଷ ଅନ୍ତରରେ ହେକ୍ଟର ପିଛା ୨୫୦ କି.ଗ୍ରା.ଚୂନ ବିହନ ବୁଣିବାର ୩୦ ଦିନ ପୂର୍ବରୁ ମାଟିରେ ପ୍ରୟୋଗ କରି ଭଲ ଭାବରେ ମିଶାଇ ଦିଅନ୍ତୁ । ଶେଷଓଡ଼ ଚାଷ ସମୟରେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ନିମ୍ବ ପିଡ଼ିଆ ମାଟିରେ ପ୍ରୟୋଗ କରି ମିଶାଇ ଦିଅନ୍ତୁ । ବର୍ଷା ଓ ଗ୍ରୀଷ୍ମ ଋତୁରେ ଧାଡ଼ିକୁ ଧାଡ଼ି ୩୦ ସେ.ମି., ପ୍ରାକ ରବି ଓ ରବି ଋତୁରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ବ୍ୟବଧାନରେ ବିହନ ବୁଣାଯାଏ । ଗଛ ଗଜା ହେବାର ୭-୮ ଦିନ ପରେ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଗଛକୁ ପତଳା କରିଦେବା ଉଚିତ୍ । ଫଳରେ ଜମିରେ ଏକ ବର୍ଗମିଟର ପ୍ରତି ୪୦ଟି ଗଛ ରହିବ ଓ ଆଦାୟ ଭଲ ହେବ । ପାଇରା ଫସଲ ହିସାବରେ ବିରି ଫସଲ ଚାଷ କରୁଥିଲେ,




ବିହନକୁ ୫-୬ ଘଣ୍ଟା ପାଣିରେ ବତୁରାଇ ଧାନ ଜମିରେ ଛାଟିଦେଲେ ଜମିରେ ଶୀଘ୍ର ଗଜା ବାହାରିଥାଏ । ଧାନ କାଟିବାର ୧୫ ଦିନ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ ଓ ମାଟି କାଦୁଆ ଥିବା ଅବସ୍ଥାରେ ମଂଜିକୁ ଛାଟନ୍ତୁ ।

## (୭) ସାର ପ୍ରୟୋଗ :

ମାଟି ପରୀକ୍ଷା କରି ଫସଲକୁ ସାର ଦେବା ଉଚିତ୍ ଆବଶ୍ୟକ ସ୍ଥଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ + ୪୦ କି.ଗ୍ରା. ଫସ୍‌ଫରସ୍ କମ୍ବା ୧୦୦ କି.ଗ୍ରା ଡ଼ି.ଏ. ପି. ସାର ପ୍ରୟୋଗ କରନ୍ତୁ । ବିହନ ବୁଣିବା ସମୟରେ ହେକ୍ଟର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ (୨୫ କି.ଗ୍ରା. ୟୁରିଆ) + ୨୫୦ କି.ଗ୍ରା. ସିଙ୍ଗିଲ୍ ସୁପର୍ ଫସଫେଟ୍ ସାର କିମ୍ବା ସବୁତକ ଡ଼ି.ଏ.ପି. ସାର ଏବଂ ୩୩ କି.ଗ୍ରା. ଏମ.ଓ.ପି. ପ୍ରୟୋଗ କରନ୍ତୁ । ଏହାଛଡ଼ା ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ପ୍ରୟୋଗ କଲେ ଶତକଡ଼ା ୨୦ ଭାଗ ଅଧିକ ଅମଳ ମିଳିଥାଏ । ଏଥିପାଇଁ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ସିଙ୍ଗିଲ୍ ସୁପର୍ ଫସଫେଟ୍ କିମ୍ବା ଚୂନ ପ୍ରୟୋଗ କରିଥିଲେ ଜିପ୍‌ସମ୍ ପ୍ରୟୋଗର ଆବଶ୍ୟକ ପଡ଼ିନଥାଏ ।  ଡ଼ି.ଏ. ପି.ସାର ୨୫୦ ଗ୍ରାମ୍ ୧୫ ଲିଟର ପାଣିରେ ମିଶାଇ ଫୁଲ ଆସିବା ସମୟରେ ଥରେ ଏବଂ ଫଳ ଆସିବା ସମୟରେ ଆଉଥରେ ସିଞ୍ଚନ କଲେ ଆଦାୟ ବଢ଼ିଥାଏ ।